**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**3 August– 2026**

---

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସୁଛନ୍ତି। କଟକ ମୁଣ୍ଡଳି ନିକଟବର୍ତ୍ତୀ ଜଗତଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନୀ ଉତ୍ସବରେ ଆଜି ସନ୍ଧ୍ୟାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଆସନ୍ତାକାଲି ରାଷ୍ଟ୍ରପତି ଭୁବନେଶ୍ୱରରୁ ପୂର୍ବାହ୍ନରେ ବ୍ରହ୍ମପୁର ପର୍ଯ୍ୟନ୍ତ ଟ୍ରେନ୍‌ରେ ଯାତ୍ରା କରିବେ ଏବଂ ବ୍ରହ୍ମପୁର ତପ୍ତପାଣିଠାରେ ମା’ କନ୍ଧୁଣିଦେବୀ ମନ୍ଦିର ଓ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତିଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ମିଳିଛି।

---

## ବନ୍ୟା ପରବର୍ତ୍ତୀ ପଦକ୍ଷେପ

ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି । ଏହା ପରେ ନଦୀବନ୍ଧ ଗୁଡ଼ିକର ସ୍ଥିତି ଏବଂ ଏହାର ପୁନରୁଦ୍ଧାର ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯାଉଛି । ଜଳସମ୍ପଦ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିବା ସହ

କାର୍ଯ୍ୟାରମ୍ଭ  କରୁଛନ୍ତି । ଏଥିସହ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ପ୍ରମୁଖ ନଦୀବନ୍ଧ, ଜଳଭଣ୍ଡାର, ଜଳସେଚନ ସଂରଚନା ଉପରେ ନଜର ରଖାଯାଇଛି । କ୍ଷୟକ୍ଷତି ସ୍ଥାନରେ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ରାଜ୍ୟରେ ଆଜିଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

---

## ଜନଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆଜି ବନ୍ଦ ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟକ୍ରମ ରହିଥିବାରୁ ଆଜି ଜନଶୁଣାଣି ବନ୍ଦ ରହିଥିବା ନେଇ ସାଧାରଣ  ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଦ୍ୱାରା ଅବଗତ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

---

## ସ୍ନାତକ ନାମଲେଖା

ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ନାତକ ପାଠ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟ ନାମଲେଖା ସମୟସୀମା ବୃଦ୍ଧି କରାଯାଇଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ସଂଶୋଧିତ ନାମଲେଖା କାର୍ଯ୍ୟସୂଚୀ ଜାରି ହୋଇଛି ।

ସାମ୍ସ ପୋର୍ଟାଲ୍‌ରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ଅନୁଦାନପ୍ରାପ୍ତ ବେସରକାରୀ ଓ ଆଇନ ମହାବିଦ୍ୟାଳୟଗୁଡ଼ିକ ପାଇଁ ଏହି ସଂଶୋଧିତ ସମୟସୀମା ଲାଗୁ ହୋଇଛି । ଆସନ୍ତା ୫ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଛାତ୍ରଛାତ୍ରୀ ଆବଣ୍ଟିତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାରିବେ ।

---

## ସ୍କୁଲ୍ ସୁରକ୍ଷା ସପ୍ତାହ

ରାଜ୍ୟର ସମସ୍ତ ବିଦ୍ୟାଳୟରେ ସ୍କୁଲ୍ ସୁରକ୍ଷା ସପ୍ତାହ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ-ଓସେପା ପକ୍ଷରୁ ଏ ନେଇ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ମାନବାଧିକାର ଆୟୋଗ ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଆଧାରରେ ବର୍ଷାଋତୁରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯିବ । ଏଥିସହ ସମସ୍ତ ସ୍କୁଲ୍‌ରେ କୋଠାବାଡ଼ି ସୁରକ୍ଷା ସ୍ଥିତି ନେଇ ସମୀକ୍ଷା କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି ।

---

## ଶ୍ରାବଣ ସୋମବାର

ଆଜି ଶ୍ରାବଣ ମାସର ପ୍ରଥମ ସୋମବାର । ଏହି ଅବସରରେ ରାଜ୍ୟର ଶୈବପୀଠ ଗୁଡ଼ିକରେ ଜଳାଭିଷେକ ନିମନ୍ତେ କାଉଡ଼ିଆମାନଙ୍କର ଭିଡ଼ ପରିଲକ୍ଷିତ ହୋଇଛି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ଭଦ୍ରକର ଆଖଣ୍ଡଳମଣି, ନୟାଗଡ଼ ଲଡ୍ଡୁବାବା ପୀଠ, ଢେଙ୍କାନାଳର କପିଳାସ

ପୀଠ, କଟକର ବାବା ଧବଳେଶ୍ୱରଙ୍କ ପୀଠ, ପୁରୀ ଲୋକନାଥ ମନ୍ଦିର, ବାଲେଶ୍ୱରର ବାବା ପଞ୍ଚମହାଲିଙ୍ଗେଶ୍ୱର, କୋରାପୁଟର ଗୁପ୍ତେଶ୍ୱର ଆଦି ପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏ ସଂପର୍କରେ ପୋଲିସ୍ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି:

**V/O**

---

# ଯାତ୍ରା

ନବରଙ୍ଗପୁର ଜିଲ୍ଲା ଉମରକୋଟର ଅଧୀଷ୍ଠାତ୍ରୀ ଦେବୀ ମାଆ ପେଣ୍ଠାଣୀଙ୍କ ବାର୍ଷିକ ଯାତ୍ରା ସଂପନ୍ନ ହୋଇଛି । ଏଥିରେ ରାଜ୍ୟ ଓ ପଡ଼ୋଶୀ ରାଜ୍ୟ ଛତିଶଗଡ଼ରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

---

# ରାଜ୍ୟଗୋଷ୍ଠୀ କ୍ରୀଡ଼ା

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ଭାରତର ଅହମ୍ମଦାବାଦରେ ଅନୁଷ୍ଠିତ ହେବ । ଚଳିତ ୨୩ତମ ସଂସ୍କରଣ ଗତକାଲି ଗ୍ଲାସ୍‌ଗୋଠାରେ ଉଦ୍‌ଯାପିତ ହୋଇଛି । ୭୪ଟି ରାଜ୍ୟଗୋଷ୍ଠୀ ଦେଶ ସମୂହକୁ ନେଇ ପ୍ରତି ୪ ବର୍ଷରେ ଆୟୋଜିତ ହେଉଥିବା ଏହି କ୍ରୀଡ଼ା ମହାକୁମ୍ଭ ଗତ ୧୧ ଦିନ ଧରି ଅନୁଷ୍ଠିତ ହେଉଥିଲା । ଉଦ୍‌ଯାପନୀ ସମାରୋହରେ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଅଧ୍ୟକ୍ଷ ଜର୍ଜ ବ୍ଲାକ୍ ଆସନ୍ତା କ୍ରୀଡ଼ା ପ୍ରତିଯୋଗିତା ପାଇଁ ଭାରତକୁ ପତାକା ଏବଂ ବ୍ୟାଟନ୍ ହସ୍ତାନ୍ତର କରିଥିଲେ । ଭାରତ ପକ୍ଷରୁ ବିଶିଷ୍ଟ ଜାଭେଲିନ୍ ଥ୍ରୋ

କ୍ରୀଡ଼ାବିତ୍ ନିରଜ ଚୋପ୍ରା, ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍‌ର ଅଧ୍ୟକ୍ଷ ପିଟି ଉଷା ଏବଂ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଘଭୀ ଏହାକୁ ଗ୍ରହଣ କରିଥିଲେ । ଏହି ସଂସ୍କରଣରେ ଭାରତ ମୋଟ୍ ୩୯ଟି ପଦକ ହାସଲ କରିଛି । ୧୩ଟି ସ୍ୱର୍ଣ୍ଣ, ୧୭ଟି ରୌପ୍ୟ ଏବଂ ୯ଟି କାଂସ୍ୟପଦକ ସହ ଭାରତ ତାଲିକାର ଚତୁର୍ଥ ସ୍ଥାନରେ ରହିଛି ।

## ଜାତୀୟ ଅଙ୍ଗଦାନ ଦିବସ

ଅଙ୍ଗଦାନର ଗୁରୁତ୍ୱ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଉଛି । ଦେଶର ପ୍ରଥମ ସଫଳ ହୃଦ୍ ପ୍ରତିରୋପଣର ସ୍ମାରକୀ ସ୍ୱରୂପ ପ୍ରତିବର୍ଷ ଅଗଷ୍ଟ ମାସ ୩ ତାରିଖକୁ ଜାତୀୟ ଅଙ୍ଗଦାନ ଦିବସ ଭାବେ ପାଳନ କରାଯାଇ ଆସୁଛି ।